# ଜିଲ୍ଲା କାର୍ଯ୍ୟାଳୟ: ଢେଙ୍କାନାଳ

(ଦେବୋତ୍ତର ବିଭାଗ)

ଟେଣ୍ଡର ଇସ୍ତାହାର ସଂଖ୍ୟା ୩୪୪ /ତାରିଖ ତା.୨୦.୦୨.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ମାନ୍ୟବର ଓଡିଶା ହିନ୍ଦୁ
ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧିନସ୍ଥ ଶ୍ରୀ ଶ୍ରୀ
ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକ ମାତ୍ର ଭୋଗ ଦୋକାନକୁ ୨୦୨୬-୨୭ ବର୍ଷ ପାଇଁ ଓଡିଶା ହିନ୍ଦୁ
ଦେବୋତ୍ତରଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟକୁ ତା.୨୫.୦୨.୨୦୨୬ ରିଖ ଠାରୁ ତା.୦୬.୦୩.୨୦୨୬
ରିଖ ଦିବା ଘ.୧୧ - ୦୦ ମିନିଟ୍ ସମୟ ମଧ୍ୟରେ ସ୍ପିଡ଼ପୋଷ୍ଟ ଡାକ ଯୋଗେ ଓ କୋରିୟର ଡାକ ଯୋଗେ
ପଠାଇପାରିବେ । ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ.୮୪,୭୮,୪୭୦/- (ଚୌରାଅଶୀ ଲକ୍ଷ ଅଠସ୍ତରୀ
ହଜାର ଚାରି ଶହ ସତୁରୀ ଟଙ୍କା) ମାତ୍ର ସ୍ଥିର କରାଯାଇଛି । ଇଚ୍ଛୁକ ବ୍ୟକ୍ତିମାନେ ଏଥି ନିମନ୍ତେ
ଟ.୮,୪୭,୮୪୭/- (ଆଠ ଲକ୍ଷ ସତଚାଳିଶି ହଜାର ଆଠ ଶହ ସତଚାଳିଶୀ ଟଙ୍କା)ମାତ୍ରର ଅମାନତ
ବାବଦକୁ ଅର୍ଥ Executive Officer, Debottar, Dhenkanal ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ
ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ତା ୨୫.୦୨.୨୦୨୬ ରିଖଠାରୁ ୦୬.୦୩.୨୦୨୬
ରିଖ ଦିବା ଘ.୧୧ - ୦୦ ମିନିଟ୍ ସମୟ ମଧ୍ୟରେ ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ
କାର୍ଯ୍ୟାଳୟକୁ ପ୍ରେରଣକରି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ଅମାନତ ଅର୍ଥ ଦାଖଲ କରିଥିବା
ବ୍ୟକ୍ତି ଟେଣ୍ଡର ସମୟରେ ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ
ତା ୦୭.୦୩.୨୦୨୬ ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା ।

ସର୍ବନିମ୍ନ ମୂଲ୍ୟ ଠାରୁ କମ୍ ଜରମୁଦ ଟେଣ୍ଡର ପ୍ରେରଣ କରିଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ
ବାଜ୍ୟାପ୍ତି କରାଯିବ । ସର୍ବୋଚ୍ଚ ଟେଣ୍ଡର ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ଟେଣ୍ଡର ଅନୁମୋଦନ
କରାଯିବ । ସର୍ବୋଚ୍ଚ ଟେଣ୍ଡରଧାରୀ ଦୁଇ ଦିନମଧ୍ୟରେ ଅର୍ଥାତ ତା ୧୦.୦୩.୨୦୨୬ ରିଖ ଅପରାହ୍ନ ୩
ଘଣ୍ଟା ମଧ୍ୟରେ ଟେଣ୍ଡରରେ ଉଲ୍ଲେଖ କରିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ କିମ୍ବା ଅର୍ଥ ଆକାରରେ
ଦାଖଲ ଦେବେ । ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ଟେଣ୍ଡର ଉଲ୍ଲେଖକରି ଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ
ସୁଯୋଗ ଦିଆଯାଇପାରେ । କୌଣସି କାରଣ ନଦର୍ଶାଇ ଟେଣ୍ଡର ଖାରଜ କରିବାର କ୍ଷମତା ପ୍ରାଧିକୃତ
ଅଧିକାରୀଙ୍କର ରହିଛି । ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ଟେଣ୍ଡରସମ୍ବନ୍ଧୀୟ ସମସ୍ତ
କାଗଜାତ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ
ସମୟ ମଧ୍ୟରେ ପାଇପାରିବେ ।

ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ

ବିବୁଧ ପଟ୍ଟନାୟକ
୨୦-୦୨-୨୦୨୬

ନିର୍ବାହୀ ଅଧିକାରୀ
ଦେବୋତ୍ତର ଢେଙ୍କାନାଳ

Commissioner of Endowments
Odisha, Bhubaneswar

ଅ.ପୃ.ଦେ......../୨

Scanned with OKEN Scanner
Scanned with OKEN Scanne
Scanned with OKEN Scanner

ପରିପତ୍ର ସଂଖ୍ୟା....୩୪୪..../ତାରିଖ.......୨୦-୦୨-୨୦୨୫

ଏହାର ଏକକିତା ନକଲ ସଂପାଦକ, ଦୈନିକ ଖବର କାଗଜ "....ସମ୍ବାଦ......"/"..ଟାଇମସ୍ ଅଫ୍ ଇଣ୍ଡିଆ"ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଉକ୍ତ ବିଜ୍ଞାପନଟିକୁ ଗୋଟେ ଥର ପାଇଁ ପ୍ରକାଶନ କରିବେ। ଉକ୍ତ ପ୍ରକାଶନ ଖର୍ଚ୍ଚ ସୂଚନା ଓ ଲୋକ ସମ୍ପର୍କ ମୂଲ୍ୟରେ ସୀମିତ ରଖିବାକୁ ଅନୁରୋଧ । ଏସ

୨୦-୦୨-୨୦୨୫

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

ପରିପତ୍ର ସଂଖ୍ୟା....୩୪୫..../ତାରିଖ....୨୦-୦୨-୨୦୨୫

ଏହାର ଏକକିତା ନକଲ ଦେବୋତ୍ତର ନିରୀକ୍ଷକ, କପିଳାସ/ ସଦରଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ସର୍ବସାଧାରଣଙ୍କର ଅବଗତି ନିମନ୍ତେ କପିଳାସ ପୀଠ ଓ ଦେବୋତ୍ତର କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଲଗାଇବାକୁ ନିର୍ଦ୍ଦେଶ ଦିଆଗଲା ।

୨୦-୦୨-୨୦୨୫

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

ପରିପତ୍ର ସଂଖ୍ୟା....୩୪୬..../ତାରିଖ....୨୦-୦୨-୨୦୨୫

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗଁଦିଆ/ତହସିଲଦାର, ଗଁଦିଆ/ ସରପଞ୍ଚ, ଦେଓଗାଁ ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବିଧି କାର୍ଯ୍ୟନିମନ୍ତେ ପ୍ରେରଣ କରଗଲା।

୨୦-୦୨-୨୦୨୫

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

ପରିପତ୍ର ସଂଖ୍ୟା....୩୪୭..../ତାରିଖ....୨୦-୦୨-୨୦୨୫

ଏହାର ଏକକିତା ନକଲ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଉକ୍ତ ବିଜ୍ଞାପନଟିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବେ ।

୨୦-୦୨-୨୦୨୫

ନିର୍ବାହୀ ଅଧିକାରୀ, ଦେବୋତ୍ତର,
ଢେଙ୍କାନାଳ

Scanned with OKEN Scanne

Scanned with OKEN Scanner

OFFICE OF THE COMMISSIONER OF ENDOWMENTS: ODISHA BHUBANESWAR.

Letter No. 1410 / **Dhenkanal Debottar** Date 19-2-26

From Sri Dillip Kumar Satpathy, O.J.S.
Deputy Commissioner of Endowments,
Odisha, Bhubaneswar.

To, The Sub-Collector, Dhenkanal-cum-
Executive Officer Dhenkanal Debottar
Pin Coad-759001

Sub: In the matter of auction of Kapilash Bhog Shop for the year 2026-27

Ref: Your Office Letter No. 168 dated 19.01.2026.

Sir,

In enclosing here with Tender Istahar papers duly approved by the Commissioner of Endowments, I am directed to request you to publish the same in two daily local newspapers preferably in the daily edition of **"The Samaj"** and **"Times of India"**, on or before **24.02.2026**, inviting interested bidders to submit their applications in sealed envelopes through Speed Post/ Courier Service only, addressing to the Office of the Commissioner of Endowments, Odisha, BJB Nagar, Bhubaneswar, to be received by 06.03.2026. The Tender Papers shall be opened on **07.03.2026** in presence of the bidders or their authorized agents. The successful tenderer should deposit the tender price/ money within two days from the date of opening of Tender applications, excluding the Sunday i.e on or before 10.03.2026.

You are also requested to remain present on **07.03.2026** at 11.30 A.M for the auction of the Kapilash Bhog Shop for the year 2026-27.

Yours Faithfully

19.2.2026

Deputy Commissioner of Endowments,
Odisha, Bhubaneswar.

Encl: As above

Scanned with OKEN Scanne

Scanned with OKEN Scanner

ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ବିଜେ କପିଳାସଙ୍କ ପାଠରେ ଥିବା ଭୋଗ ଦୋକାନକୁ ୨୦୨୬-୨୭ ବର୍ଷର ଅବଶିଷ୍ଟ ଦିବସ ତା.୦୧.୦୪.୨୦୨୬ ରିଖ ଠାରୁ ତା.୩୧.୦୩.୨୦୨୭ ରିଖ ପର୍ଯ୍ୟନ୍ତ ନିଲାମ ଇସ୍ତାହାର ସଂଖ୍ୟା ୩୫୪ ତା.୨୦.୦୨.୨୦୨୬ ରିଖ ଅନୁଯାୟୀ ଟେଣ୍ଡର ସର୍ତ୍ତାବଳୀ ।

---

1. ଯେଉଁ ମାନଙ୍କ ଉପରେ ଦେବୋତ୍ତର ଦେୟ ବକେୟା ଥିବ ସେମାନେ ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ନାହିଁ ।
2. ଟେଣ୍ଡର ପ୍ରେରଣ ସମୟ ତା.୨୪.୦୨.୨୦୨୬ ରିଖ ଠାରୁ ତା. ୦୬.୦୩.୨୦୨୬ ମଧ୍ୟରେ ଅଟେ।
3. ସଇରାତର ଟେଣ୍ଡର ମିଆଦ ବିଜ୍ଞପ୍ତି ସଂଖ୍ୟା..୩୫୪..ତା. ୨୦ , ୦୨ .୨୦୨୬ ଅନୁଯାୟୀ ତା.୦୧.୦୪.୨୦୨୬ ରିଖ ଠାରୁ ତା.୩୧.୦୩.୨୦୨୭ ରିଖ ପର୍ଯ୍ୟନ୍ତ ଅଟେ ।
4. ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ.୮୪,୭୮,୪୭୦/- (ଚୌରାଅଶୀ ଲକ୍ଷ ଅଠସ୍ତରୀ ହଜାର ଚାରି ଶହ ସତୁରୀ ଟଙ୍କା) ମାତ୍ର ଅଟେ ।
5. ଟେଣ୍ଡର ଖୋଲିବାର ସ୍ଥାନ ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ।
6. ଇଚ୍ଛୁକ ବ୍ୟକ୍ତିମାନେ ଅମାନତ ଆକାରରେ ଟ.୮,୪୭,୮୪୭/- (ଆଠ ଲକ୍ଷ ସତଚାଳିଶି ହଜାର ଆଠ ଶହ ସତ ଚାଳିଶି ଟଙ୍କା) ମାତ୍ର ବ୍ୟାଙ୍କ ଡ୍ରାଫ୍ଟ Executive Officer, Debottar, Dhenkanal ଙ୍କ ନାମରେ ପ୍ରସ୍ତୁତ କରି ତା.୨୪.୦୨.୨୦୨୬ ରିଖ ଦିବା ୧୧ ଘଣ୍ଟା ଠାରୁ ତା. ୦୬.୦୩.୨୦୨୬ ରିଖ ଦିବା ୧୨ ଘଣ୍ଟା ମଧ୍ୟରେ ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟକୁ କ୍ଷିପ୍ରଡାକ ଯୋଗେ କିମ୍ବା କୋରିଅର ମାଧ୍ୟମରେ ପ୍ରେରଣ କରିବେ ଏବଂ ତା ୦୯.୦୩.୨୦୨୬ ରିଖ ଦିବା ୧୧ ଘଣ୍ଟା ସମୟରେ ଓଡିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ।
7. ଯେଉଁ ବ୍ୟକ୍ତିମାନେ ଧାର୍ଯ୍ୟ ଅମାନତ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ କରିଥିବେ କେବଳ ସେହି ବ୍ୟକ୍ତିମାନଙ୍କ ଟେଣ୍ଡର ଗ୍ରହଣୀୟ ହେବ ।
8. ସର୍ବନିମ୍ନ ମୂଲ୍ୟ ଟ.୮୪,୭୮,୪୭୦ /- (ଚୌରାଅଶୀ ଲକ୍ଷ ଅଠସ୍ତରୀ ହଜାର ଚାରି ଶହ ସତୁରୀ ଟଙ୍କା) ମାତ୍ର ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ ।
9. ସର୍ବୋଚ୍ଚ ଟେଣ୍ଡର ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ଟେଣ୍ଡର ଅନୁମୋଦନ କରାଯିବ।
10. ସର୍ବୋଚ୍ଚ ଟେଣ୍ଡରଧାରୀ ଦୁଇ ଦିନ ମଧ୍ୟରେ ଅର୍ଥାତ ତା. ୧୦.୦୩.୨୦୨୬ ରିଖ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ଟେଣ୍ଡରରେ ଉଲ୍ଲେଖ କରିଥିବା ସମସ୍ତ ଅର୍ଥ ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ । ନଚେତ୍ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ।
11. ଟେଣ୍ଡର ଦିବସ ପରଦିନ ଚୁକ୍ତିନାମା ସମ୍ପାଦନ କରାଯିବ ।
12. ଟେଣ୍ଡର ଅବଧି ସମୟ ପରେ ଦାଖଲ ଦେଇଥିବା ଅମାନତ ଅର୍ଥ ଫେରସ୍ତ କରାଯିବ ।
13. ଯେଉଁ ମାନଙ୍କର ଟେଣ୍ଡର ସ୍ଥିରିକୃତ ହେବ ନାହିଁ, ସେମାନେ ଦାଖଲ ଦେଇଥିବା ବ୍ୟାଙ୍କ ଡ୍ରାଫ୍ଟ ତା. ୧୦.୦୩.୨୦୨୬ ରିଖ ଅପରାହ୍ନ ୩ ଘଣ୍ଟା ପରେ ଫେରସ୍ତ ନେଇପାରିବେ ।

୬/୨/୨୬
Commissioner of Endowments
Odisha,Bhubaneswar

---

Scanned with OKEN Scanner
Scanned with OKEN Scanner
Scanned with OKEN Scanner

14.ଟେଣ୍ଡରଧାରୀଙ୍କୁ ଦେବୋତ୍ତର ନିରୀକ୍ଷକ, କପିଳାସଙ୍କ ତତ୍ତ୍ୱାବଧାନରେ ଭୋଗଦୋକାନ ଗୃହ ମଡାଣ ଦିଆଯିବ । ଏହି ଦୋକାନ ଗୃହ ବ୍ୟତିରେକ ଅନ୍ୟ କୌଣସି ସ୍ଥାନରେ ଟେଣ୍ଡରଧାରୀ ଦୋକାନ ଖୋଲି ପାରିବେ ନାହିଁ ଏବଂ ବିକ୍ରି ଉକ୍ତ ଜାଗା ମଧ୍ୟରେ ସୀମିତ ରହିବ ।

15.ଭୋଗ ବିକ୍ରୟ ନିମନ୍ତେ ଉଦ୍ଦିଷ୍ଟ ସାମଗ୍ରୀର ମୂଲ୍ୟ ଭୋଗ ଦୋକାନ ସାମନାରେ ଏକ ବୋର୍ଡରେ ଲିଖିତ ଭାବରେ ଲଗାଇବାକୁ ଟେଣ୍ଡରଧାରୀ ବାଧ ଅଟନ୍ତି ।

16.ଭୋଗ ଦୋକାନରେ ନଡିଆ,କଦଳୀ, ସେଓ, ଅଙ୍ଗୁର ଆଦି ଫଳ, ଉଖୁଡା, ଗଜା, ବଡସିଂହାର, ଫେଣୀ ଓ ଲଡୁ ଇତ୍ୟାଦି ଶୁଖିଲା ଭୋଗ ସହ ଦୀପ, କର୍ପୂର, ଧୂପକାଠି, ସିନ୍ଦୁର ଇତ୍ୟାଦି ଶୈବପୀଠ ଦେବ ନୀତିରେ ଲାଗୁଥିବା ଭୋଗ ଜିନିଷ ବିକ୍ରୟ କରିପାରିବେ ।

17.ତୃତୀୟ ପକ୍ଷର ଦାବି ନିମନ୍ତେ ଦେବୋତ୍ତର ବିଭାଗକୁ ଦାୟ ମୁକ୍ତ ରଖିବେ ।

18.ଦେବୋତ୍ତର ଅଧିକାରୀ କିମ୍ବା ତାଙ୍କ ପ୍ରତିନିଧି ଯେ କୌଣସି ଦିନ ଯେ କୌଣସି ସମୟରେ ଭୋଗ ଦୋକାନ ତନଖି କରିପାରିବେ । ଏଥିରେ ସହଯୋଗ କରିବା ପାଇଁ ଟେଣ୍ଡରଧାରୀ ବାଧ ଅଟନ୍ତି ।

19.ଟେଣ୍ଡରଧାରୀ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ କାର୍ଯ୍ୟରତ ଜିମାଦାର, ପୂଜାପଣ୍ଡା, ସୂପକାର ଏବଂ ଅନ୍ୟସେବକ ମାନଙ୍କ ସହ ବୁଝାମଣା ରକ୍ଷାକରି କାର୍ଯ୍ୟକାରକ ହେବେ ଓ ଜିମାଦାରଙ୍କ ପରାମର୍ଶ ମାନି କାର୍ଯ୍ୟ କରିବେ ।

20.ଟେଣ୍ଡରଧାରୀ ନିଜ ଖର୍ଚ୍ଚରେ ରନ୍ଧନ ଗ୍ୟାସ ଆଣି ରନ୍ଧନ କାର୍ଯ୍ୟ କରିବେ । କୌଣସି କ୍ଷେତ୍ରରେ ଜଙ୍ଗଲରୁ କାଠ ଆଣି ରନ୍ଧନ କାର୍ଯ୍ୟ କରିପାରିବେ ନାହିଁ ।

21.ଆପାତ କାଳିନ ସ୍ଥିତିରେ ଦେବୋତ୍ତର ବିଭାଗ, ଢେଙ୍କାନାଳଙ୍କ ନିର୍ଦ୍ଦେଶ ମାନିବାକୁ ଟେଣ୍ଡରଧାରୀ ବାଧ ଅଟନ୍ତି ।

22.ଦୈବୀ ଦୁର୍ଘଟଣା ପାଇଁ ଦେବୋତ୍ତର ବିଭାଗ, ଢେଙ୍କାନାଳ ଦାୟୀ ରହିବେ ନାହିଁ ।

23.ସର୍ତ୍ତମୂଳକ ପତ୍ରାଳାପ ଗ୍ରହଣୀୟ ନୁହେଁ ।

24.ଠାକୁରଙ୍କ ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ କିମ୍ବା ପର୍ବପର୍ବାଣୀ ସମୟରେ କିମ୍ବା ଉନ୍ନୟନ କାର୍ଯ୍ୟ ନିମନ୍ତେ ମଡାଣ ଦେଇଥିବା ସ୍ଥାନର ଆବଶ୍ୟକ ହେଲେ ସେ କ୍ଷେତ୍ରରେ ଟେଣ୍ଡର ସମୟ ମଧ୍ୟରେ ମଡାଣ ଦିଆଯାଇଥିବା ସ୍ଥାନ ଦେବୋତ୍ତର ଅଧିକାରୀ ଫେରସ୍ତ ନେଇ ନୂତନ ଜାଗା କପିଳାସ ପୀଠରେ ମଡାଣ ଦେଇପାରିବେ କିମ୍ବା ଉପଯୁକ୍ତ ଟେଣ୍ଡର ଅର୍ଥ ଫେରସ୍ତ ଦେଇ ପାରିବେ । ଏଥିରେ ଟେଣ୍ଡରଧାରୀ ସହଯୋଗ କରିବାପାଇଁ ବାଧ ଅଟନ୍ତି ଏବଂ ଏଥି ନିମନ୍ତେ କୌଣସି ଅଦାଲତର ଆଶ୍ରୟ ନେଇ ପାରିବେ ନାହିଁ ।

25.କପିଳାସ ପୀଠରେ ପଲିଥିନ୍ ବ୍ୟବହାର ନିଷିଦ୍ଧ କରାଯାଇଛି । ଟେଣ୍ଡରଧାରୀ ନେଇଥିବା ଦୋକାନରେ ଏବଂ ମନ୍ଦିର ପରିସର ମଧ୍ୟକୁ ପଲିଥିନ୍ କିମ୍ବା ପଲିଥିନ୍ ମଧ୍ୟରେ ଭୋଗ ସାମଗ୍ରୀ ଦେଇ ପୂଜା ପାଇଁ ପଠାଇ ପାରିବେ ନାହିଁ ।

ଅ.ପୃ.ଦେ................/୩

Scanned with OKEN Scanner

Scanned with OKEN Scanner

26.ଟେଣ୍ଡରଧାରୀ ନିଜ ଖର୍ଚ୍ଚରେ ଭୋଗ ଦୋକାନ ଘରକୁ ବିଦ୍ୟୁତ୍ ସଂଯୋଗ ଅସ୍ଥାୟୀ ଭାବରେ ନେଇପାରିବେ ଏବଂ ମାସିକ ବିଦ୍ୟୁତ୍ ଦେୟ ସଂପୃକ୍ତ ବିଭାଗରେ ଦାଖଲ ଦେଇ ରସିଦ୍ ଦେବୋତ୍ତର ନିରୀକ୍ଷକ, କପିଳାସଙ୍କ କରିଆରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳକୁ ପ୍ରତି ମାସରେ ପଠାଇବେ । ଏଥିରେ ତ୍ରୁଟି କଲେ ଦାଖଲ ଦେଇଥିବା ଅମାନତ ଅର୍ଥରୁ ବିଦ୍ୟୁତ ଦେୟ କର୍ତ୍ତନ କରାଯାଇ ଅବଶିଷ୍ଟ ଅର୍ଥ ପ୍ରଦାନ କରାଯିବ।

27.ଟେଣ୍ଡରଧାରୀ ଅବଧି ମଧ୍ୟରେ ମଠାଣ ଦିଆଯାଇଥିବା ଘର ଗୁଡିକର ଆବଶ୍ୟକ ରକ୍ଷଣା ବେକ୍ଷଣ ନିଜ ଖର୍ଚ୍ଚରେ କରିବେ ଓ ଟେଣ୍ଡର ଅବଧି ପରେ ବର୍ତ୍ତମାନର ଅବସ୍ଥାରେ ଘର ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରିବେ।

28.ଖାଦ୍ୟ ଯାଞ୍ଚ ଅଧିକାରୀ (Food Inspector) ଯେ କୌଣସି ଦିନ ଯେ କୌଣସି ସମୟରେ ଦୋକାନ ତନଖି କରି ସମସ୍ତ ବିକ୍ରୟ ସାମଗ୍ରୀ ଯାଞ୍ଚ କରିପାରିବେ । ଏଥିରେ ଟେଣ୍ଡରଧାରୀ ତାଙ୍କୁ ସହଯୋଗ କରିବା ପାଇଁ ବାଧ୍ୟ ଅଟନ୍ତି ।

29.ଟେଣ୍ଡରରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ନିଜର ଭୋଟ ପରିଚୟ ପତ୍ରର ନକଲ, ଆଧାର କାର୍ଡର ନକଲ କିମ୍ବା ବ୍ୟାଙ୍କ ପାସ ବହିରେ ଫଟୋଥାଇ ପ୍ରଥମ ପୃଷ୍ଠାର ନକଲରେ ସ୍ୱାକ୍ଷର ପୂର୍ବକ ଦାଖଲ ଦେବାକୁ ବାଧ୍ୟ ଅଟନ୍ତି ।

30.ଟେଣ୍ଡରଧାରୀ ଭୋଗ ଦୋକାନରେ କୌଣସି ପ୍ରକାର ଅବକାରୀ ସାମଗ୍ରୀ ବିକ୍ରୟ କରିପାରିବେ ନାହିଁ କିମ୍ବା ରଖି ପାରିବେ ନାହିଁ।

31.ଟେଣ୍ଡରଧାରୀ ଭୋଗ ଦୋକାନର ସାମନାରେ ବର୍ଜ୍ୟ ବସ୍ତୁ ପକାଇବା ନିମନ୍ତେ ଡଷ୍ଟବିନ୍ ଅନୁରକ୍ଷଣ କରିବାକୁ ବାଧ୍ୟ ଅଟନ୍ତି ।

32.ଟେଣ୍ଡରଧାରୀ ବିଦ୍ୟୁତ ହିଟର ବ୍ୟବହାର କରିପାରିବେ ନାହିଁ କିମ୍ବା ସ୍ଥାୟୀ ଓ୍ୱାରିଂରେ ହସ୍ତକ୍ଷେପ କରିପାରିବେ ନାହିଁ ।

33.ଭୋଗ ସାମଗ୍ରୀ ରନ୍ଧନ ନିମନ୍ତେ ରୋଷଘର ଅସ୍ଥାୟୀ ଭାବରେ ଟେଣ୍ଡରଧାରୀ ତିଆରି କରିପାରିବେ । ଦେବୋତ୍ତର ବିଭାଗ ତରଫରୁ ଏଥିପାଇଁ ଜାଗା ଚିହ୍ନଟ ଦିଆଯିବ ।

34.କୌଣସି କାରଣ ନଦର୍ଶାଇ ଟେଣ୍ଡର ବାତିଲ କରିବାରେ କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି ।

35.ଭୋଗ ସମଗ୍ରୀରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଘିଅ ଓ ତେଲ ବ୍ୟବହାର କରିବା ବିଧେୟ ।

ଉପରୋକ୍ତ ୩୫ ଗୋଟି ସର୍ତ୍ତାବଳୀ ପଢି, ବୁଝି ସହମତ ଥିବାରୁ ଏବଂ ସମସ୍ତ ନିୟମ ମାନି ଭୋଗ ଦୋକାନ କରିବା ପାଇଁ ପ୍ରସ୍ତୁତ ଥିବାରୁ ଏଥିରେ ସ୍ୱାକ୍ଷର ପୂର୍ବକ ଟେଣ୍ଡରରେ ଅଂଶ ଗ୍ରହଣ କରିବା ପାଇଁ ମତାମତ ଦେଲି ।

ସ୍ୱାକ୍ଷର

ମୋ.ନଂ-

Commissioner of Endowments
Odisha,Bhubaneswar

Scanned with OKEN Scanner

Scanned with OKEN Scanner

Scanned with OKEN Scanner